ନେଲ୍ଲିକୋଟ୍ଟୁ କୋଲେରିୟିଲ୍ ମାଧବୀ

ବନାମ

କାୱାଙ୍କାଲାଥିଲ୍ କାଲିକୁଟ୍ଟି ଏବଂ ଅନ୍ୟମାନେ

ନଭେମ୍ବର 29, 1996

[କେ. ରାମାସ୍ୱାମୀ ଏବଂ ଜି.ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ନିଲାମ ବିକ୍ରୟ – ଉତ୍ତରଦାତାମାନେ ଡିକ୍ରି କାର୍ଯ୍ୟକାରୀ କରି ସମ୍ପତ୍ତି କ୍ରୟ କରିଛନ୍ତି – ସେମାନଙ୍କୁ ବିକ୍ରୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି ଏବଂ ସମ୍ପତ୍ତିର ଦଖଲ ମଧ୍ୟ ସେମାନଙ୍କୁ ଦିଆଯାଇଛି – ଏହା ପରେ ଉତ୍ତରଦାତାମାନେ ବାଦୀଙ୍କୁ ଅନୁସୂଚୀ ସମ୍ପତ୍ତି ପ୍ରଦାନ କରିଛନ୍ତି – ଉତ୍ତରଦାତାମାନେ ଅପିଲକାରୀଙ୍କୁ ଦଖଲରେ ହସ୍ତକ୍ଷେପ କରିବାରୁ ନିବୃତ୍ତ କରିବା ପାଇଁ ସ୍ଥାୟୀ ନିଷେଧାଦେଶ ଚାହାଁନ୍ତି – ବିଚାର କରୁଥିବା ନ୍ୟାୟାଳୟ ଏବଂ ଆପିଲ ନ୍ୟାୟାଳୟ ଅପିଲକାରୀଙ୍କ ମାମଲାକୁ ଗ୍ରହଣ କରିଛନ୍ତି – ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ନିମ୍ନଲିଖିତ ଅଦାଲତଗୁଡ଼ିକ ଦ୍ୱାରା ବସ୍ତୁଗତ ପ୍ରମାଣର ବିଚାର କରାଯାଇ ନାହିଁ – ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ - ଦର୍ଶାଯାଇଛି, ବସ୍ତୁଗତ ପ୍ରମାଣର ବିଚାର ନକରିବା ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ – ଦ୍ୱିତୀୟ ଅପିଲରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ଥାୟୀ ନିଷେଧାଦେଶ ଆଇନର କୌଣସି ତ୍ରୁଟି ଦ୍ୱାରା ଅସିଦ୍ଧ ହୁଏ ନାହିଁ ଯାହା ହସ୍ତକ୍ଷେପକୁ ସମର୍ଥନ କରୁଥିବା ଆଇନର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଠାରୁ କମ୍ ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 15612/1996 ।

ଏସ୍.ଏ. ସଂଖ୍ୟା 368/1989ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କର 24.5.93 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ତରଫରୁ କେ. ସୁକୁମାରନ, ସୁଶ୍ରୀ ବେବି କ୍ରିଷ୍ଣନ ଏବଂ ଏନ୍. ସୁଧାକରନ ।

ଉତ୍ତରଦାତାମାନଙ୍କ ପାଇଁ ଏମ୍.ପି. ବିନୋଦ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏସ୍. ଏ. ସଂଖ୍ୟା 368/1989ରେ ଏହି ଅପିଲ କେରଳ ଉଚ୍ଚ ନ୍ୟାୟାଳୟଙ୍କର ମେ 24, 1993 ତାରିଖର ରାୟ ଏବଂ ଡିକ୍ରିରୁ ଉତ୍ପନ୍ନ ହୋଇଛି । ପାରାପ୍ପାନାଗାଡି ଜିଲ୍ଲା ମୁନସିଫ ନ୍ୟାୟାଳୟର ଦସ୍ତାବିଜରେ ଥିବା ଓଏସ୍ ସଂଖ୍ୟା 262/1955ରେ ଥିବା ଆଦେଶକୁ କାର୍ଯ୍ୟକାରୀ କରି ଉତ୍ତରଦାତାମାନେ ଏହି ବିବାଦିତ ଅନୁସୂଚୀ ସମ୍ପତ୍ତି କିଣିଥିଲେ । ଜାନୁଆରୀ 28, 1958 ତାରିଖର ଇଏକ୍ସଏଚ୍ A-2, ବିକ୍ରୟ ପ୍ରମାଣପତ୍ର ଉତ୍ତରଦାତାମାନଙ୍କୁ ପ୍ରଦାନ କରାଯାଇଥିଲା । ସେମାନେ 21.7.1961 ତାରିଖର ଏକ୍ସ. A- 3 ଅନୁଯାୟୀ ପ୍ରଦାନ ହେବାକୁ ଥିବା ସମ୍ପତ୍ତିର ଦଖଲ ପ୍ରଦାନ ପାଇଁ ଏକ ଆବେଦନ ମଧ୍ୟ ଦାଖଲ କରିଥିଲେ । 20 ଅକ୍ଟୋବର, 1961ରେ ଦଖଲ ଗ୍ରହଣ କରିବା ପରେ, ସେମାନେ ବାଦୀଙ୍କୁ

ବିବାଦିତ ଅନୁସୂଚୀ ସମ୍ପତ୍ତି ପ୍ରଦାନ କରିଥିଲେ । ସେହି ପରିସ୍ଥିତିରେ, ପ୍ରଶ୍ନ ଉଠେ: ସେମାନେ ଅପିଲକାରୀଙ୍କୁ ତାଙ୍କ ଦଖଲରେ ହସ୍ତକ୍ଷେପ କରିବାରୁ ନିବୃତ୍ତ କରି ଏକ ସ୍ଥାୟୀ ନିଷେଦ୍ଧାଦେଶ ଡିକ୍ରି ପାଇଁ ହକଦାର କି? ଯଦିଓ ବିଚାର କରୁଥିବା ନ୍ୟାୟାଳୟ ଏବଂ ଅପିଲ ନ୍ୟାୟାଳୟ ଅପିଲକାରୀଙ୍କ ମାମଲାକୁ ଗ୍ରହଣ କରିଥିଲେ, ଉଚ୍ଚ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଉପରୋକ୍ତ ଦସ୍ତାବିଜଗୁଡ଼ିକ ବିବାଦର ନିଷ୍ପତ୍ତି ନେବା ପାଇଁ ଆବଶ୍ୟକ ଅଟନ୍ତି ଏବଂ ନିମ୍ନ ଅଦାଲତ ସେହି ଦସ୍ତାବିଜଗୁଡ଼ିକୁ ଉପଯୁକ୍ତ ଦୃଷ୍ଟିକୋଣରେ ବିଚାର କରିନଥିଲେ । ତଦନୁସାରେ, ଦ୍ୱିତୀୟ ଅପିଲରେ, ଉଚ୍ଚ ନ୍ୟାୟାଳୟ ସେହି ପ୍ରଶ୍ନକୁ ଅନୁଧ୍ୟାନ କରିଛନ୍ତି । ଏହା ଏକ ସ୍ଥିରୀକୃତ ଆଇନ ଯେ, ଯେଉଁ ବ୍ୟକ୍ତି ନ୍ୟାୟାଳୟ ନିଲାମ ବିକ୍ରୟରେ ସମ୍ପତ୍ତି କ୍ରୟ କରନ୍ତି, ପ୍ରକୃତ ମାଲିକ ଭାବରେ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ବିକ୍ରୟ ପ୍ରମାଣପତ୍ର ଦ୍ୱାରା ସମ୍ପତ୍ତିର ମାଲିକାନା ପାଆନ୍ତି ଏବଂ ବିକ୍ରୟ ନିଶ୍ଚିତ ହେବା ପରେ ସେ ଏହାର ଦଖଲ ପାଆନ୍ତି । ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ, ଅର୍ଜି ଅନୁସୂଚୀ ସମ୍ପତ୍ତି ଜୁଲାଇ 21,1961ରେ ଏକ୍ସ A-3 ଅଧୀନରେ ଶଙ୍କରନଙ୍କୁ ପ୍ରଦାନ କରାଯାଇଥିଲା, ସେ ଆଇନଗତ ଭାବରେ ଦଖଲକୁ ଆସିଥିଲେ ଏବଂ ଏହାକୁ ବାଦୀଙ୍କ ନିକଟକୁ ହସ୍ତାନ୍ତର କରାଯାଇଥିଲା । ବସ୍ତୁଗତ ପ୍ରମାଣକୁ ବିଚାର ନକରିବା ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଅଟେ ।

ଏହି ପରିସ୍ଥିତିରେ, ଦ୍ୱିତୀୟ ଅପିଲରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ଥାୟୀ ନିଷେଧାଦେଶ କୌଣସି ଆଇନଗତ ତ୍ରୁଟି ଦ୍ୱାରା ଅସିଦ୍ଧ ହୁଏ ନାହିଁ, ଯାହା ହସ୍ତକ୍ଷେପ ଚାହୁଁଥିବା ଆଇନର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଠାରୁ କମ୍ । ତଦନୁସାରେ ଅପିଲକୁ ଖାରଜ କରାଯାଇଛି । ଯଦି ଅପିଲକାରୀଙ୍କର ଏଥିରୁ ସ୍ୱାଧୀନ ଭାବେ କୌଣସି ସ୍ୱତ୍ୱ ଅଛି, ତେବେ ଆଇନ ଅନୁଯାୟୀ ତାଙ୍କ ପାଇଁ ଅଧିକାର ପ୍ରତିଷ୍ଠା କରିବା ଉନ୍ମୁକ୍ତ ରହିଛି ।

ଟି.ଏନ୍.ଏ. — ଅପିଲ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

<u>ଅନୁବାଦକ</u>
ସତ୍ୟରଞ୍ଜନ ସାମଲ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ